


**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୨୩**

# ପାର୍ବଣରେ ଚମକାନ୍ତୁ ଘର



ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ଦଶହରା ଭଳି ଏକ ମହାନ ପର୍ବରେ ରାଜ୍ୟବାସୀ ଉଲ୍ଲସିତ । ମା'ଦୁର୍ଗାଙ୍କ ଆଗମନ ସହ ସମସ୍ତେ ମସଗୁଲ ହୋଇଯାଇଛନ୍ତି । ଗାଁ ଠାରୁ ସହରର ସବୁଆଡ଼େ ବିଭିନ୍ନ ଛୋଟବଡ଼ ତୋରଣ ଏବଂ ପେଣ୍ଡାଲରେ ଦେବୀଙ୍କର ଆରାଧନା ଆରମ୍ଭ ହୋଇଯାଇଛି । ଏହି ସମୟରେ ଘରେ ଅତିଥି ଅଭ୍ୟାଗତଙ୍କ ଭିଡ଼ ବି ଲାଗିବ । ତେବେ ପାର୍ବଣର ଏହି ସମୟରେ ଘରକୁ ଏକ ନୂଆ ଲୁକ୍ ଦିଅନ୍ତୁ । ଘରର ପୁରୁଣା ଲୁକକୁ ବଦଳାଇ କିଛି ନୂଆ ଜିନିଷ ସାମିଲ କରନ୍ତୁ । ନ ହେଲେ ପୁରୁଣା ଜିନିଷକୁ ଅଲଗା ଅନ୍ଦାଜରେ ବ୍ୟବହାର କରନ୍ତୁ । ପୂର୍ବରୁ ଥିବା ଘରର ଖଟ, ଡାଇନିଂ ଟେବୁଲ, ସୋଫା ଭଳି ଉପକରଣ ସବୁ ପୂର୍ବ ସ୍ଥାନରୁ ଉଠାଇ ଅଲଗା ଜାଗାରେ ରଖନ୍ତୁ । ଘରଟି ନିଶ୍ଚିତ ଭାବେ ଆକର୍ଷଣୀୟ ଲାଗିବ । ତେବେ ଛୋଟ ଛୋଟ ପରିବର୍ତ୍ତନ ଦ୍ୱାରା କିପରି ଭାବେ ଘରକୁ ନୂଆ କରିପାରିବେ ସେ ବିଷୟରେ ଆମେ ଏଠାରେ ଛୋଟିଆ ଆଲୋଚନା ରଖୁଛୁ ।

କିପରି ସଜାଇବେ : ଘର ସଜାଡ଼ିବା ଆଗରୁ ପ୍ରଥମେ ପରିଷ୍କାର ଭାବେ ଝଡ଼ାଝଡ଼ି କରି ଦିଅନ୍ତୁ । ଘରେ ଥିବା ସମସ୍ତ ଆସବାବପତ୍ରକୁ ନିଜ ଜାଗାରୁ କାଢ଼ି ଭଲ ଭାବରେ ସଫା କରି ଦିଅନ୍ତୁ । ଏହାପରେ ଘରେ ପୂର୍ବପରି ଆସବାବପତ୍ରକୁ ନ ସଜାଇ ଜାଗା ବଦଳାଇ ଦିଅନ୍ତୁ । ଘରର ବେଡ଼ସିଟ, ସୋଫା କଭର, ପରଦା ଆଦିକୁ ବଦଳାଇ ଦିଅନ୍ତୁ । ବର୍ଷା ଦିନ ପାଇଁ ଯେଉଁ କାର୍ପେଟ ସବୁକୁ ଗୁଡ଼ାଇ ଭିତରେ ରଖି ଦେଇଥିଲେ ତାକୁ ଏବେ ବାହାର କରିବାର ବେଳ । ଏଥର ଦେଖନ୍ତୁ ଘରଟି କିପରି ନୂଆ ନୂଆ ଲାଗୁଛି ।

ଘର ପାଇଁ ପରଦା : ବିଶେଷ କିଛି ପରିବର୍ତ୍ତନ ନ କରି ଖାଲି ଘରର ପରଦା ସବୁକୁ ବଦଳାଇ ଦେଲେ ବି ଏହା ଘରକୁ ଏକ ନୂଆ ଲୁକ ଦେଇଥାଏ । ତେଣୁ ପୂର୍ବରୁ ବ୍ୟବହାର କରୁଥିବା ପରଦାକୁ ବାହାର କରି ନୂଆ ପରଦା ଲଗାଇ ଦିଅନ୍ତୁ । ସେହିପରି ଘରର ସବୁ କବାଟ, ଝରକା ପାଇଁ ଗୋଟିଏ ରଙ୍ଗର ପରଦା ଅଧିକ ଭଲ ଲାଗିଥାଏ । ତଥାପି ଚାହିଦା ମୁତାବକ ରଙ୍ଗରେ ପରିବର୍ତ୍ତନ କରାଯାଇପାରେ । ଏହାଛଡ଼ା ଘରର କାନ୍ଥରେ ଦିଆଯାଇଥିବା ରଙ୍ଗ ଅନୁସାରେ କେଉଁ ରଙ୍ଗର ପରଦା ଭଲ ମାନିବ ତାହାକୁ ଦୃଷ୍ଟି ଦେଇ ପରଦା ଲଗାଇଲେ ଘର ଅଧିକ ସୁନ୍ଦର ଲାଗିବ । ପୂଜା ଅବସରରେ ଗାଢ଼ ରଙ୍ଗର ପରଦା ଅଧିକ ଆକର୍ଷଣୀୟ ଦେଖାଯିବ ।

ଓଢ଼ଣୀରେ ପରଦା : ଅନ୍ୟ ଏକ ସହଜ ଉପାୟ ହେଉଛି ଆପଣ ବ୍ୟବହାର କରୁଥିବା ଓଢ଼ଣୀକୁ ନେଇ ମଧ୍ୟ ପରଦା ତିଆରି କରିପାରିବେ । ବ୍ୟବହାର ହେଉ ନ ଥିବା ବିଭିନ୍ନ ଡ୍ରେସର ଓଢ଼ଣୀକୁ ବି ସ୍କ୍ରିନ ଭାବେ ଲଗାଇପାରିବେ । ଏହା ଦ୍ୱାରା ଖର୍ଚ୍ଚାନ୍ତ ବି ହେବାକୁ ପଡ଼ିବ ନାହିଁ ।

ଶାଢ଼ିରେ ପରଦା : ଘରେ ପଡ଼ି ରହିଥିବା ବହୁ ଦିନର ଶାଢ଼ିକୁ ମଧ୍ୟ କାଟି ସେଥିରୁ ପରଦା ତିଆରି କରିପାରିବେ । ଏହି ଶାଢ଼ିରେ ଆପଣଙ୍କ ଇଛା ମୁତାବକ ଡିଜାଇନ ଆଙ୍କି ସେଥିରେ ଚୁମକି ଓ ରଙ୍ଗିନ ପଥର ଲଗାଇ ନୂଆ ଡିଜାଇନର ପରଦା ତିଆରି କରି ପାରିବେ ।

ଫୁଲଦାନି : ସେହିପରି ଅଳ୍ପ ଖର୍ଚ୍ଚରେ ଘର ସଜାଇବାର ଅନ୍ୟ ଏକ ବିକଳ୍ପ ହେଲା ଫୁଲଦାନି । ସୁନ୍ଦର ଏବଂ ଆକର୍ଷଣୀୟ ଫୁଲଦାନି ଘରର ବିଭିନ୍ନ ଅଂଶରେ ରଖିବା ଦ୍ୱାରା ବି ଘରର ସୌନ୍ଦର୍ଯ୍ୟ ବୃଦ୍ଧି ହେବ । ତେବେ ଅନ୍ୟାନ୍ୟ ସମୟରେ ହାଲକା ରଙ୍ଗର ଫୁଲ ବ୍ୟବହାର କରୁଥିଲେ ବି ପାର୍ବଣ ସମୟରେ ଫୁଲଦାନିରେ ଗାଢ଼ ରଙ୍ଗର ଫୁଲରେ ସଜାନ୍ତୁ । ବାଇଗଣୀ, ନୀଳ, ଲାଲ ରଙ୍ଗର ଫୁଲ ଫୁଲଦାନିରେ ରଖନ୍ତୁ । ବିଶେଷକରି ବୈଠକ ଘର ଏବଂ ଶୋଇବା ଘରେ ଏହାକୁ ରଖନ୍ତୁ । ପୁରୁଣା ଫୁଲଦାନି ଥିଲେ ଏହାକୁ ଧୋଇ କିମ୍ବା ପୋଛାପୋଛି କରି ସଫା କରନ୍ତୁ । ରଙ୍ଗ ନଚେତ ଚୁମକି ସାହାଯ୍ୟରେ ଏହାକୁ ନୂଆ ରୂପ ବି ଦିଆଯାଇପାରିବ । ଏଥିସହ କାଚର ଫୁଲଦାନି ମଧ୍ୟରେ ସୁଗନ୍ଧିତ ଫୁଲର ପାଖୁଡ଼ାକୁ ରଖି ଏହା ଉପରେ ଜାଲି କନା ବାନ୍ଧି ଦିଅନ୍ତୁ । ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହା ଉପରେ ରଙ୍ଗବେରଙ୍ଗ ଫିତା ବାନ୍ଧି ପାରନ୍ତି । ଯଦି ଆବଶ୍ୟକ ପଡ଼େ ଏହି ଫୁଲ ପାଖୁଡ଼ାରେ ସେଂଟ ବା ସୁଗନ୍ଧିତ ତୈଳ ପକାଇପାରିବେ ।

*ସେକ୍ଟର-୬, ସିଡିଏ, କଟକ*

# ଭୟଙ୍କର ହେଉଛି ମୌସୁମୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସାଧାରଣତଃ ଭାରତରେ ମୌସୁମୀର ଦୁଇଟି ରୂପ ଦେଖିବାକୁ ମିଳିଥାଏ । ପ୍ରଥମତଃ ଏହା ଭାରତୀୟଙ୍କ ପାଇଁ 'ଜୀବନ ରକ୍ଷାକାରୀ ହୋଇଥିବା ବେଳେ ଦ୍ୱିତୀୟ ରୂପଟି ହେଉଛି ତାଣ୍ଡବ ବା ବିପର୍ଯ୍ୟାୟ । କେତେବେଳେ ଲୋକଙ୍କ ପାଇଁ ଏହା ଆଶୀର୍ବାଦ ପାଲଟିଥାଏ ତ କେତେବେଳେ ଅଭିଶାପ ପାଲଟିଥାଏ । ଏହା ନିସନ୍ଦେହ ଯେ, ଭାରତୀୟ କୃଷି ଓ କୃଷକ ଓ ଅର୍ଥନୀତି ପାଇଁ ମୌସୁମୀ ସର୍ବଦା ବରଦାନ ସାବ୍ୟସ୍ତ ହୋଇଆସିଛି । ଯେଉଁ ବର୍ଷ ଉତମ ବର୍ଷା ହୋଇଥାଏ, ସେହିବର୍ଷ କେବଳ ଭାରତୀୟ ଖାଦ୍ୟ ଭଣ୍ଡାର ସଂବୃଦ୍ଧି ହୋଇନଥାଏ, ଦେଶର ଅର୍ଥନୀତି ସୁଦୃଢ଼ ହୋଇଥାଏ । ଭାରତୀୟ ଅର୍ଥନୀତି ଅଭିବୃଦ୍ଧିରେ କୃଷି କ୍ଷେତ୍ରର ଯୋଗଦାନ ପ୍ରମୁଖ ସ୍ଥାନ ଗ୍ରହଣ କରିଆସିଛି । କହିବା ବାହୁଲ୍ୟ ଯେ, ମହାମାରୀ କୋରୋନା କାଳରେ ଦୀର୍ଘକାଳୀନ ତାଲାବନ୍ଦ, ଯୋଗୁଁ ବିଭିନ୍ନ କ୍ଷେତ୍ରରେ ଆର୍ଥୀକ ଅଭିବୃଦ୍ଧି ଠପ୍ ବା ନିମ୍ନଗାମୀ ହୋଇଥିବାବେଳେ ଉତମ ବର୍ଷା ଯୋଗୁଁ କୃଷି କ୍ଷେତ୍ରରେ ଅଭିବୃଦ୍ଧି ୩ପ୍ରତିଶତ ରହିଥିଲା । ଚଳିତ ବର୍ଷ ମୌସୁମୀର ଦୁଇଟି ରୂପ ଦେଖିବାକୁ ମିଳିଛି । ଦେଶର ଅର୍ଦ୍ଧାଧିକ ଅଂଚଳରେ ମୌସୁମୀ ଜନସାଧାରଣଙ୍କ ପାଇଁ ଆଶୀର୍ବାଦ ପାଲଟିଥିବାବେଳେ ଅନ୍ୟ ଅର୍ଦ୍ଧେକ ଅଂଚଳ ତଥା ଉତର ଭାରତୀୟ ଅଂଚଳରେ ଅଭିଶାପ ପାଲଟିଛି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ମୌସୁମୀ ଋତୁରେ ହିମାଳୟ ରାଜ୍ୟଗୁଡିକରେ ୧୬ଟି ବାଦଲଫଟା ବର୍ଷା ପ୍ରଭାବରେ ଆକସ୍ମିକ ବନ୍ୟା ଯୋଗୁଁ ଭୂସ୍ଖଳନ ଘଟି ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିଛି । ବହୁ ଶ୍ରମ ନିଶ୍ଚିହ୍ନ ହୋଇଯାଇଥିବାବେଳେ ଶହ ଶହ ଲୋକଙ୍କର ଜୀବନ ଯାଇଛି । ଏବେ ବି ଶହ ଶହ ଲୋକ ନିଖୋଜ ଅଛନ୍ତି । ଏହା ସତ୍ୟ ଯେ, ହିମାଳୟ ପାର୍ବତ୍ୟାଂଚଳରେ ମୌସୁମୀର କରାଳ ରୂପ ତଥା ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ନୂଆ ନୁହେଁ । ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡିକର ଜନସାଧାରଣ ମୌସୁମୀ ପୂର୍ବରୁ ଏବଂ ପରେ ଏହିଭଳି ବାରମ୍ବାର ବିପର୍ଯ୍ୟାୟର ସମ୍ମୁଖୀନ ହୋଇଆସୁଥିବା ବହୁ ନଜୀର ରହିଛି । ଚଳିତ ମୌସୁମୀ ଋତୁରେ ହିମାଚଳ ପ୍ରଥମର ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା । ସେହିପରି ହିମାଚଳ, ଉତରାଖଣ୍ଡ ଓ ଜାମ୍ମୁ-କାଶ୍ମୀର ବାରମ୍ବାର ପରିବର୍ତ୍ତନ ଯୋଗୁଁ ମୌସୁମୀ ଏବେ ଉଗ୍ରରୂପ ନେଇଛି ଏଥିରେ ସନ୍ଦେହ ନାହିଁ । ଯାହାର ପ୍ରଭାବରେ କେବଳ ବାଦଲଫଟା ବର୍ଷା ନୁହେଁ, ହିମସ୍ଖଳନ, ହ୍ରଦ ତରଳି ଆକସ୍ମିକ ବନ୍ୟା ଓ ଭୂସ୍ଖଳନର କାରଣ ହୋଇଛି । ୨୦୧୮ରେ ଉତରାଖଣ୍ଡରେ ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନର ଭୟଙ୍କର ଦୃଶ୍ୟ ଏବେ ବି ମନରୁ ଲିଭି ନାହିଁ । ସେହିପରି ଲା-ନିନା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଏବଂ ସାମୁଦ୍ରିକ ଝଡର ସମ୍ଭାବନା ରହିଥିବା କୁହାଯାଇଛି । ଦ୍ରୁତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୌସୁମୀ ଭୟଙ୍କର ହେବାରେ ଲାଗିଛି । ଏହା ସତ୍ୟ ଯେ, ପ୍ରକୃତି ମଣିଷର ଅବିରତ ଅତ୍ୟାଚାର ମୌସୁମୀ ଭୟଙ୍କର ରୂପ ନେବାର ମୂଳକାରଣ ବୋଲି ପାଣିପାଗ ବିଶାରଦ, ବିଜ୍ଞାନୀଙ୍କ ମତ । ଆମର ସବୁଠାରୁ ବଡ ପ୍ରାକୃତିକ ସମ୍ପତି ମୌସୁମୀର ଭବିଷ୍ୟତ କେବଳ ଆନ୍ତର୍ଜାତିକ ଜଳବାୟୁ ପରିବର୍ତ୍ତନ ପଦକ୍ଷେପ ଉପରେ କେବଳ ନିର୍ଭର କରେ ନାହିଁ, ଦେଶରେ ଜଳବାୟୁର ସୁରକ୍ଷା, ନଦୀ ଅବବାହିକାର ପୁନଃରୁଦ୍ଧାର, ମୌସୁମୀ ସହନଶୀଳତା ଭିତିଭୂମୀ ତଥା ଯୋଜନା ଉପରେ ନିର୍ଭର କରେ । ଅନ୍ୟାଥା ମୌସୁମୀର ଭୟଙ୍କର କୋପର ସମ୍ମୁଖୀନ ହେବା ସାର ହେବ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ମାତୃପୂଜା ଓ ଅତି ମାନସ ଶକ୍ତି

ମା'ଦୁର୍ଗା ପ୍ରତ୍ୟେକ ଗୃହସ୍ଥି ମାନଙ୍କ ସହାୟିକା ଅଟନ୍ତି । ଯେଉଁ ବ୍ୟକ୍ତି ପ୍ରତିଦିନ ଦୁର୍ଗାଙ୍କୁ ପ୍ରାତଃକାଳରେ ସ୍ମରଣ କରିଥାଏ । ତାର ସମସ୍ତ ବିପଦ ଦୂର ହୁଏ । 'ଦୁର୍ଗା' ଦୁଇଟି ଅକ୍ଷର, ଔଷଧିଠାରୁ ମଧ୍ୟ ଶକ୍ତିଶାଳୀ । ତେଣୁ କୁହାଯାଏ – 'ପ୍ରଭାତେ ଯଃ ସ୍ମରେ ନିତ୍ୟଂ ଦୁର୍ଗା ଦୁର୍ଗାକ୍ଷର ଦ୍ୱୟମ୍, ଆପଦାସ୍ତସ୍ୟ ନଶ୍ୟନ୍ତି ତମଃ ସୂର୍ଯ୍ୟାଦୟେ ଯଥା ।'

ସୂର୍ଯ୍ୟ ଉଦୟ ହେଲେ ଯେପରି ଅନ୍ଧକାର ଦୂର ହୋଇଯାଏ ଠିକ ସେହିପରି ଦୁର୍ଗାଙ୍କୁ ସ୍ମରଣ କଲେ ବିପଦ ଦୂର ହୋଇଯାଏ । ତେଣୁ ଅନେକ ବ୍ୟକ୍ତି ଦୁର୍ଗାଙ୍କୁ ସ୍ମରଣ କରିଥାନ୍ତି । ଦୁର୍ଗେ ଦୁର୍ଗତି ନାଶିନୀ ବୋଲି ମନ୍ତ୍ର ଉଚ୍ଚାରଣ କରନ୍ତି । – 'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ ।' ଦେବୀ ଭାଗବତରେ ଅଛି – 'ଶେଷଂ ଶକ୍ତିର୍ମହାମାୟା ସଚ୍ଚାନନ୍ଦ ରୂପିଣୀ । ରୂପଂ ବିଭର୍ତ୍ୟରୂପା ଚ ଭକ୍ତାନୁଗ୍ରହ ହେତବେ ।।' ଅର୍ଥ ସେଇ ସଚ୍ଚିଦାନନ୍ଦ ମହାମାୟା ପରାଶକ୍ତି ଅରୂପା ହୋଇ ମଧ୍ୟ ଭକ୍ତଗଣଙ୍କୁ କୃପା କରି ଅଭୀଷ୍ଟ ପୂରଣ କରନ୍ତି । ଶ୍ରୀମଦ ଭାଗବତର ଏକାଂଶକୁ ଯେପରି କେତେକ ଗୋପୀ ଗୀତା କହନ୍ତି ସହିପରି ଦେବୀ ଭାଗବତକୁ ଦେବୀଗୀତା କୁହାଯାଏ । ଦୁର୍ଗାପୂଜା ଆଠଗଡ଼ର ଭଟ୍ଟାରିକା, ବାଙ୍କୀର ଚର୍ଚ୍ଚିକା, ଝଙ୍କଡର ଶାରଳା, କଟକଚଣ୍ଡୀ, ଭୁବନେଶ୍ୱରର ପାର୍ବତୀ, ପୁରୀର ବିମଳା, ଚିଲିକାର ନାରାୟଣୀ, ଉଗ୍ରତାରା, ବାଣପୁର ଭଗବତୀ, ବ୍ରହ୍ମପୁରରେ ନିକଟସ୍ଥ ତାରାତାରିଣୀ, ପଶ୍ଚିମର ସମଲେଶ୍ୱରୀ ଦେବୀ ପ୍ରଭୃତି ବିଖ୍ୟାତ ଶକ୍ତି ପୀଠ ।

ଶ୍ରୀ ଅରବିନ୍ଦ କହିଛନ୍ତି ଯେ, 'ଦିବ୍ୟ ଜନନୀଙ୍କର ଅନ୍ୟାନ୍ୟ ମହାରୂପ ମଧ୍ୟ ଅଛି । କିନ୍ତୁ ସେ ସବୁକୁ ଅବତରଣ କରାଇବା କଠିନ । ଯେଉଁମାନଙ୍କ ଆବିର୍ଭାବ ଅତି ମାନସ ସିଦ୍ଧି ସକାଶେ ଅପରିହାର୍ଯ୍ୟ ସେମାନେ କେବଳ ଆବିର୍ଭାବ କରିଛନ୍ତି । ଯେତେବେଳେ ରୂପାନ୍ତରିତ ମନ-ପ୍ରାଣ-ଦେହରେ ଶକ୍ତିଚତୁଷ୍ଟୟ ତାଙ୍କର ମୁକ୍ତ ସୁସମଞ୍ଜସ ଲୀଳା ପ୍ରତିଷ୍ଠିତ କରିବେ । ସେତେବେଳକୁ ହିଁ ଏଇ ଅନ୍ୟାନ୍ୟ ବିରଳତର ଶକ୍ତି ପାର୍ଥିବ ଧାରାରେ ନିଜକୁ ପ୍ରକାଶିତ କରିପାରିବେ ଏବଂ ସେ ସେତେବେଳେ ହିଁ ଅତିମାନସର କ୍ରିୟା ସମ୍ଭବ ହେବ । ସେତେବେଳେ ମାନବ ପ୍ରକୃତି ସକ୍ରିୟ ଦିବ୍ୟ ପ୍ରକୃତିରେ ପରିଣତ ହୋଇପାରିବ । କାରଣ ସେତେବେଳେ ଅତି ମାନସର ଯେ ସତ୍ୟଚେତନା ଓ ସତ୍ୟ ଶକ୍ତିତ ସେସବୁର ମୂଳଧାରା ଗୁଡ଼ିକ ତନ୍ତ୍ରୀ ପରି ଏକ ସାଙ୍ଗରେ ଯୁକ୍ତ ହେବ, ଜୀବନର ବୀଣା ଅନନ୍ତଙ୍କ ଛନ୍ଦ ସକଳକୁ ଧରିବାକୁ ଯୋଗ୍ୟ ହେବ ।

ଦେବୀ ଭାଗବତ ଉପକ୍ରମଣିକାର ୪୮ ପୃଷ୍ଠାରେ ଶ୍ରୀ ଅରବିନ୍ଦଙ୍କ ରଚିତ 'ମା' ପୁସ୍ତକରେ କୁହାଯାଇଛି ଶ୍ରୀ ଶ୍ରୀ ଚଣ୍ଡୀରେ ମହାକାଳୀ, ମହାଲକ୍ଷ୍ମୀ ଏବଂ ମହାସରସ୍ୱତୀ ନାମକ ଚରିତ ସହିତ ମାହେଶ୍ୱରୀ ନାମକ ଚତୁର୍ଥ ଚରିତ୍ର ରହିଛି । କିନ୍ତୁ ଏହା ଶାସ୍ତ୍ରୀୟ ମତ ନୁହେଁ ।' କିନ୍ତୁ ମାହେଶ୍ୱରୀ ଶ୍ରୀ ଅରବିନ୍ଦଙ୍କ ମା' ପୁସ୍ତକର ଅନନ୍ୟ ସୃଜନଶୀଳତାର ପରିଚୟ ଦିଏ । ମହାମାୟା ଶବ୍ଦ ଚଣ୍ଡୀରେ ଆଠଥର ଉଲ୍ଲେଖ କରାଯାଇଛି । କିନ୍ତୁ ଯୋଗମାୟା ଶବ୍ଦର ଉଲ୍ଲେଖ ନାହିଁ । କିନ୍ତୁ ମହାମାୟା ଶବ୍ଦ ପରିବର୍ତ୍ତେ ଯୋଗ ନିଦ୍ରା ଓ ବିଷ୍ଣୁମାୟା ଗୀତାରେ ଯୋଗମାୟା ଶବ୍ଦ ଥରେ ବ୍ୟବହାର ହୋଇଥିଲେ ମଧ୍ୟ ତନ୍ତ୍ରଶାସ୍ତ୍ରରେ ମହାମାୟା, ଯୋଗମାୟା, ଯୋଗନିଦ୍ରା ଓ ବିଷ୍ଣୁମାୟା ଏଇ ଚାରିଟି ଶବ୍ଦ ଏକାତ୍ମବୋଧକ । ଶ୍ରୀ ଅରବିନ୍ଦ ମା (ଝଷର ଗକ୍ଟଝଷରକ୍ସ) ପୁସ୍ତକ ଦ୍ୱିତୀୟ ଅଧ୍ୟାୟରେ ଲେଖିଛନ୍ତି – 'ବିଶ୍ୱରେ ଯାହା କିଛି ଘଟେ, ତାର ପଛରେ ଭଗବାନ ତାଙ୍କର ଶକ୍ତିକୁ ଆଶ୍ରୟ କରି ରହିଥାନ୍ତି, ସେ ନିଜର ଯୋଗାମାୟାରେ ଆବୃତ, ଅପର ପ୍ରକୃତିର ଅନ୍ତର୍ଗତ ଜୀବର ଅହଂକାର ମଧ୍ୟ ଦେଇ କାର୍ଯ୍ୟ କରେ ।' ପୁଣି ଷଷ୍ଠ ଅଧ୍ୟାୟରେ କହିଛନ୍ତି – ମା'ଙ୍କର ଯେଉଁ ଚାରୋଟି ଶକ୍ତି, ତାଙ୍କର ଯେଉଁ ଚାରୋଟି ପ୍ରଧାନ ବ୍ୟକ୍ତ ରୂପ, ତାହା ତାଙ୍କ ଦିବ୍ୟ ସ୍ୱରୂପର ଅଂଶ ବିଗ୍ରହ । କିନ୍ତୁ ଏଇ ଚାରି ଶକ୍ତି ହେଲେ ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ଯୋଗମାୟା ଓ ତାଙ୍କର ଅନ୍ୟାନ୍ୟ ରୂପର ବର୍ଣ୍ଣନା ଅଛି । ଯୋଗମାୟା ଓ ଅନ୍ୟାନ୍ୟ ନାମ ସମାନ ଅର୍ଥବୋଧକ । ପୁରୁଷ ଭାବେ ସେ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ, ଶିବ । ବ୍ରହ୍ମଙ୍କର ସୃଷ୍ଟିଶକ୍ତି ବ୍ରହ୍ମା, ସ୍ଥିତିଶକ୍ତି ବିଷ୍ଣୁ ଏବଂ ସଂହାର ଶକ୍ତି ଶିବ । ବ୍ରହ୍ମଧର୍ମ ନାରୀରୂପେ ଆଦ୍ୟାଶକ୍ତି ଭବାନୀ । ଚଣ୍ଡୀରେ କୁହାଯାଇଛି ବ୍ରହ୍ମସ୍ୱରୂପ ଧର୍ମୀର ଧର୍ମ ଜଡ଼ ନୁହେଁ, ଜୀବ ମଧ୍ୟ ନୁହେଁ । ଚଣ୍ଡୀରେ କୁହାଯାଇଛି – ଚିତ୍ ରୂପେ ଆଦ୍ୟାଶକ୍ତି ସମଗ୍ର ଜଗତ ପରିବ୍ୟାପ୍ତ କରି ଅବସ୍ଥିତା ।

ଆଜିର ଏ ଜଗତ ଭ୍ରଷ୍ଟାଚାର, ଦୂରାଚାର, ପାପାଚାର, ମିଥ୍ୟାଚାର ମଧ୍ୟରେ ଆଚ୍ଛନ୍ନ । ସମସ୍ତେ ପ୍ରାୟତଃ ମୋହ, ମଦିରାରେ ସଂଶ୍ଳିଷ୍ଟ ଓ ସମସ୍ତେ ସୁଖ ଖୋଜିବାରେ ବ୍ୟସ୍ତ । 'ଭୋଗ' ହିଁ ମଣିଷର ଶ୍ରେୟ ହୋଇଗଲାଣି । ଭୋଗ ହିଁ ପ୍ରତ୍ୟେକ ମଣିଷ ଚାହୁଁଛି । ଧୀରେ ଧୀରେ ପ୍ରତ୍ୟେକ ମଣିଷ ମଧ୍ୟରେ ଆସୁରିକ ସ୍ୱଭାବ ବସା ବାନ୍ଧିବାରେ ଲାଗିଛି । ତେଣୁ ଶେଷରେ ଏତିକି କହିବାକୁ ପଡ଼ିବ ଯେ – 'ହେ ମା ଦୁର୍ଗେ ! ତୁମେ ମଣିଷ ମନରୁ ମିଥ୍ୟା, କ୍ରୋଧ, ଅଭିମାନ, ଅହଂଭାବ, ନାସ୍ତିକତା, ଆତ୍ମଗ୍ଳାନି, ଅସୂୟା, ଈର୍ଷା, ଦ୍ୱେଷଭାବ ଆଦି ଦୁର୍ଗୁଣ ଗୁଡ଼ିକୁ ଦୂର କର । ଏ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଯେଉଁମାନେ ବିକାଶ କରିବାରେ ଆଗେଇ ଆସିଛନ୍ତି ତାଙ୍କ ମଧ୍ୟରେ ଏକ ମହନୀୟ ଗୁଣ ଉଦ୍ରେକ କର । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।



ଡାକ୍ତର ରାମ ପ୍ରସାଦ ରାୟ

କ୍ୟାମ୍ପ ଆସିଷ୍ଟାଂଟ, ସେଂଟ୍ରାଲ ରେଡ଼କ୍ରସ
ବ୍ଲଡ ସେଂଟର, କଟକ,
ଦୂରଭାଷ : ୮୨୬୦୪୦୮୮୩୬

# ମନରେ ରହିଛି ମହିଷାସୁର



ଡାକ୍ତର ସମ୍ରାଟ କର

ଥରେ ଆମ ସାଙ୍ଗମାନେ ଭସାଣି ଉତ୍ସବ ଦେଖିବାକୁ ନଈକୂଳକୁ ଯାଇଥିଲୁ । ବୁଲୁ ବୁଲୁ ଟିକେ ଦହିବରା ଓ ଆଳୁଦମ ଖାଇବାକୁ ଇଛା ହେଲା । ସମସ୍ତେ ସାଙ୍ଗ ହୋଇ ଦହିବରା ଆଳୁଦମ ଖାଉଥିଲୁ । ପାଖରେ ଥିଲା ନଈପଠା, କେତେକ ଗଛ ଓ ଅନ୍ଧାରୁଆ ଜାଗା । ଦୂରରୁ ପାଟି ହୋ ହା ଶବ୍ଦ ଶୁଣାଗଲା । କଅଣ ହେଲା ବୁଝୁବୁଝୁ ଦଳେ ପିଲା ଗୋଟିଏ ଝିଅକୁ ସେଇ ପଠାକୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ । ଝିଅଟିର ଚିତ୍କାର ଶୁଣି ସ୍ୱେଚ୍ଛାସେବୀମାନେ ତାକୁ ଉଦ୍ଧାର କଲେ । ଏକଥା ଶୁଣି ମୋ ମନ ଭାରି ଦୁଃଖ ହେଲା । ତା'ପରଦିନ ଆମେ ସବୁ ସାଙ୍ଗ ହୋଇ ଟିକେ ପାର୍କଆଡ଼େ ବୁଲି ଆସିଲେ ଭଲ ଲାଗିବ ଭାବି ସବୁ ସାଙ୍ଗମାନେ ପାର୍କରେ ବସିଗଲୁ । ସେଇଠି ଆମ ମାନଙ୍କ ଭିତରେ ଚର୍ଚ୍ଚା ହେଲା ସମାଜରେ ଘଟୁଥିବା ଏପରି ଅଘଟଣକୁ କିପରି ଦୂର କରାଯାଇପାରିବ । ବିଶେଷକରି ଏହି ଘଟଣାଟି ମୋ ମନରେ ଦୁଃଖ ଦେଇଥିବାରୁ ମୁଁ ଏ ବିଷୟରେ ଚିନ୍ତା କରୁଥିଲି । ଏହି ସମୟରେ ମୋର ପିଲାଦିନର ସାଙ୍ଗମାନେ ଏକାଠି ବସିଥିବାରୁ ସମସ୍ତେ ପିଲାଦିନର କଥା ବଖାଣି ଚାଲିଥିଲେ । କିପରି ଆମେ ନଈପଠାରେ ବୁଲି ବୁଲି କୋଳି ଖାଉଥିଲୁ, କିପରି ନାନା ପ୍ରକାର ଖେଳାଖେଳି ସମୟ କାଟୁଥିଲୁ । ସବୁ ଖୁସି ଗପରେ ମାତିଲୁ । କିନ୍ତୁ ମୋ ଚିନ୍ତାପୂର୍ଣ୍ଣ ମୁହଁକୁ ଚାହିଁ ମୋର ଜଣେ ସାଙ୍ଗ ଦେବିଦତ ପଚାରିଲା ତୁ ତ ଜଣେ ମାନସିକ ରୋଗ ଚିକିତ୍ସକ, ତୁ ଏ ବିଷୟରେ ଏତେ ଚିନ୍ତା କରୁଛୁ କାହିଁକି ? ମୁଁ କହିଲା ନାହିଁ ଏବେ ଏଇ ଲୋକମାନଙ୍କ ମଧ୍ୟରେ ଯେଉଁ ପାଶବିକ ପ୍ରବୃତି ଜାଗ୍ରତ ହେଉଛି, ଯାହା ଫଳରେ କି ମଣିଷ ଦେବତା ହେବା ବଦଳରେ ଆସୁରିକ ପ୍ରବୃତି ଯୋଗୁଁ ଅସୁର ପାଲଟିଯାଉଛି ସେଇ କଥା ଭାବୁଥିଲି । ଦେଖନ୍ତୁ... କେବେ ଗୋଟିଏ ଅସୁରର ପ୍ରାଦୁର୍ଭାବକୁ ଦେବତାମାନେ ସହି ନପାରି ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କଲେ ଓ ସବୁ ଦେବତାମାନେ ମା'ଦୁର୍ଗାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଗୋଟିଏ ମହିଷାସୁରକୁ ବଧ କଲେ । ତା'ଦ୍ୱାରା ଦେବଲୋକ ଓ ମର୍ତ୍ତ୍ୟଲୋକର ସମସ୍ତେ ଆନନ୍ଦରେ ରହିଲେ । ମାତ୍ର ଆଜି ଯେଉଁ ଲକ୍ଷ ଲକ୍ଷ ମହିଷାସୁର ଜନ୍ମ ନେଲେଣି, ଏଇ ମାନବ ସମାଜ କେମିତି ବା ଶାନ୍ତିରେ ରହିବେ ? ଆଜି କାହାର ମାଆ ଉପରେ କିଏ ଅତ୍ୟାଚାର କରୁଛି ତ ଆଉ କାହାର ଝିଅ ଉପରେ ଅତ୍ୟାଚାର ହେଉଛି ।

ଏହି କଥା ସବୁ ଶୁଣିବା ପରେ ମୋର ଆଉ ଜଣେ ସାଙ୍ଗ ତୁଷାର ମୋ କାନ୍ଧ ଉପରେ ହାତରଖି ପଚାରିଲା ତୁ କହୁନୁ ଏହା କଅଣ ପାଇଁ ହେଉଛି ? ମୁଁ ତ ଦେଖିଛି ଅନେକ ଭଲ ଭଲ ଘରର ପିଲା ବି ପରିସ୍ଥିତିରେ ପଡ଼ି ଦୋଷୀ ପାଲଟି ଯାଉଛନ୍ତି । ମୁଁ ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ କହିଲି ଏମିତି ଅନେକ ପ୍ରକାର ମାନସିକ ରୋଗ ଅଛି ଯେଉଁଥିରେ କି ମନୁଷ୍ୟ ଅନେକ ପ୍ରକାର ଭୁଲ କରିଥାଏ । ଏଇ ଦେଖନ୍ତୁ ଅନେକ ଲୋକ ଅଛନ୍ତି ଯେଉଁମାନେ କି ନିଶା ଦ୍ରବ୍ୟ ଖାଇ ନିଜ ମନର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି । ସେମାନେ ସାମୟିକ ସୁଖ ପାଇବା ପାଇଁ ନିଶାର ଆଶ୍ରୟ ନେଇଥାନ୍ତି । ମାତ୍ର ସମୟକ୍ରମେ ଏହାର ପରିମାଣ ବଢ଼ିଥାଏ, କାରଣ ପ୍ରଥମେ ଅଳ୍ପ ନିଶାରେ ଯେତିକି ଆନନ୍ଦ ପାଆନ୍ତି ପରେ ତାହାର ପରିମାଣ ନ ବଢ଼ିଲେ ସେ ସେତିକି ଆନନ୍ଦ ପାଆନ୍ତି ନାହିଁ । ତେଣୁ ଦିନକୁ ଦିନ ଲୋକଟି ଅତ୍ୟଧିକ ନିଶାସେବନ କରିଥାଏ । ଏହି ନିଶା ଯୋଗୁଁ ଲୋକଟି ମାନସିକ ଭାରସାମ୍ୟ ହରାଇ ବସେ । କେତେବେଳେ ଅତ୍ୟଧିକ ନିଶା ଯୋଗୁଁ ସମାଜରେ ନାନା ପ୍ରକାର କ୍ଷତି ଘଟାଇଥାଏ । ଯେମିତିକି ବଳାତ୍କାର, ଚୋରି, ମାରପିଟ ଇତ୍ୟାଦି । କ୍ରମଶଃ ତାହାର ଏହି ଦୁର୍ଗୁଣଗୁଡ଼ିକ ମନ ଭିତରେ ବସାବାନ୍ଧି ରହିଯାଏ ଓ ତାହା କୁ-ଅଭ୍ୟାସରେ ପରିଣତ ହୋଇଯାଏ । ଆଉ କେତେକ ମାନସିକ ରୋଗ ଅଛି ଯାହା ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ୍ୟ ସମାଜରେ ନାନା କ୍ଷତି ଘଟାଇଥାଏ । ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ । ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ । ରୋଗୀଟି ଭାବେ ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି । ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ । ସେ ସେହି ନିର୍ଦ୍ଦେଶକୁ ମାନି କାମ କରେ । ଫଳରେ ଅନେକ ଭୁଲ କାମ ତା ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ । ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ନିଜ ପିଲାଙ୍କୁ ହତ୍ୟା କରିଥାଏ । ଏସବୁ କଥା ଶୁଣି ମୋର ଆଉ ଜଣେ ସାଙ୍ଗ ସୁବାସ ପଚାରିଲା ଆଉ କଅଣ ସବୁ ରୋଗ ଅଛି, ଯାହାଦ୍ୱାରା କି ମନୁଷ୍ୟର ପ୍ରକୃତି ବଦଳିଯାଏ । ମୁଁ କହିଲି କେତେକ ଯୌନ ସମସ୍ୟା ଅଛି, ଯାହାଦ୍ୱାରା କି ମନୁଷ୍ୟ ପଶୁ ପାଲଟିଯାଏ । ଏପରି ରୋଗରେ ଜଣେ ତାର ସହପାଠୀ ବା ଛୋଟ ଛୋଟ ପିଲାଙ୍କ ସହିତ ଯୌନ ସଂପର୍କ ଜୋର ଜବରଦସ୍ତ କରିଥାଏ । ଏସବୁ ଆସୁରିକ ପ୍ରବୃତି ନୁହେଁ ତ ଆଉ କଅଣ ? ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ପ୍ରକାଶ ପଚାରିଲା, ଏତିକି ନା ଆଉ କିଛି ବାକି ଅଛି ? ମୁଁ କହିଲି ନାଇଁ ତୁ ଧୈର୍ଯ୍ୟ ଧର, ମୁଁ କହୁଛି । ମୁଁ କହିଲି ଅନେକ ସମୟରେ ଦେଖାଯାଏ କେତେକ ଲୋକ ପରିବେଶ ଓ ପରିସ୍ଥିତିରେ ପଡ଼ି ନିଜର ବ୍ୟକ୍ତିତ୍ୱ ବଦଳାଇଥାଆନ୍ତି । ଯାହାକି ବାସ୍ତବ ଜୀବନରେ କ୍ଷତି ଘଟାଇଥାଏ । କେତେକ ଲୋକଙ୍କ ଠାରେ ନାନା ପ୍ରକାର ବ୍ୟକ୍ତିତ୍ୱ ଦେଖାଯାଏ ଯଥା ସନ୍ଦେହପ୍ରବଣ, ଅହଂକାରୀ ଓ ସମାଜବିରୋଧୀ । ଅନେକ ସମୟରେ ଏପରି ଗୁଣସବୁ ବିରୋଧାଭାସ ସୃଷ୍ଟି କରି ସମାଜର କ୍ଷତିକାରକ ହୋଇଥାଏ । ଏହିସବୁ ଆଲୋଚନା ପରେ ଆମେ ସବୁ ବସିଥିବା ଚେୟାରରୁ ଉଠିଲୁ । ଅନେକ ବେଳ ହୋଇଯାଇଥିଲା । ଘରକୁ ଯିବା ପାଇଁ ଘ[ାକୁ ଚାହିଁଲୁ । ଏପରି ଆଲୋଚନା ପରେ ମୋ ମନଟି ଟିକେ ହାଲ୍‌କା ଲାଗିଲା । ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ହେମନ୍ତ କହିଲା ସବୁ ସମସ୍ୟା ତ କହିଲୁ କିନ୍ତୁ ଏହି ସମସ୍ୟାଗୁଡ଼ିକର କାରଣ ତ କିଛି କହିଲୁ ନାହିଁ ? ମୁଁ କହିଲି ତୁ ତ ସମସ୍ୟାଗୁଡ଼ିକୁ ଶୁଣି ଶୁଣି ବ୍ୟସ୍ତ ହୋଇଯିବୁଣି । ଏହାର କାରଣ ଆଉ ଦିନେ କହିଲେ କେମିତି ହୁଅନ୍ତା ? ସେ କିନ୍ତୁ କହିଲା ନା ନା, କାରଣ ଗୁଡ଼ିକ ନ ଶୁଣିଲେ ମୋତେ ରାତିରେ ନିଦ ହେବନାହିଁ ।

ମୁଁ କହିଲି ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତାର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ । ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ । ନା ନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନା ନା ପ୍ରକାରର କାରଣରୁ ମାନସିକ ରୋଗ ହୋଇଥାଏ । ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନଥାଏ । ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ହୋଇଥାଏ । ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ । ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ । ଯଦି କୌଣସି ରାସାୟନିକ ପ୍ରକ୍ରିୟା ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ ସଂଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ । ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି । ସେତେବେଳେ ସିନା ଦେବତାମାନେ ଦୁର୍ଗାଙ୍କୁ ସ୍ତୁତି କରିଥିଲେ ଯେ ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରକୁ ବଧ କଲେ । ଏବେ ତ ଆଉ ଆମେମାନେ ଦୁର୍ଗାଙ୍କୁ ଡାକି ପାରିବୁନି । ଦୁର୍ଗା ନିଜେ ଆସି ଏହିସବୁ ଆସୁରିକ ପ୍ରବୃତିର ଲୋକମାନଙ୍କୁ ମାରିପାରିବେନି । ଏଇ ଲୋକମାନଙ୍କ ମନରୁ ଆସୁରିକ ପ୍ରବୃତ୍ତିକୁ ବାହାର କରିବାର କଅଣ କିଛି ଉପାୟ ନାହିଁ ? ମୁଁ କହିଲି ଏହା ସମ୍ଭବ, କିନ୍ତୁ ଲୋକମାନେ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ । ସମାଜ ଓ ପରିବାର ଦାୟିତ୍ୱବାନ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...'



ପୁଷ୍ପମିତ୍ର ମହାପାତ୍ର

'ମା'- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସ[illegible] ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଲୋ ଲୋକେ ସମେ ଭର୍ତା ଭବିଷ୍ୟତି ।।' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ । ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା । ଏହା ବ୍ୟତୀତ ନଅଦିନ, ପାଂଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ହୋଇଥାଏ । ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ । ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ । ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ । ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ – ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ । ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ । ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ । ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ । ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିରୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଂଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
Bhubaneswar Tuesday September 23 ଭୁବନେଶ୍ୱର ମଙ୍ଗଳବାର, ୨୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ବିଷମକଟକ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ବିଷମକଟକ / ରାୟଗଡ,(ପି.ଏନ): ତା: ୨୨-୦୯-୨୦୨୫ରିଖ ଦିନ ବିଷମକଟକ ବ୍ଲକ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାଥ୍ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲିପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୭୮ ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୬୩ଟି ବ୍ୟକ୍ତିଗତ୦୭ଟି ସାମୁହିକ ଦରଖାସ୍ତ ଓ ୦୮ଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ମୋଟ ଆଠଜଣଙ୍କୁ ଜିଲ୍ଲାପାଳ ୭୫୦୦୦ଟଙ୍କାର ରେଡ୍‌କ୍ରସ ସହାୟତା ରାଶି ପ୍ରଦାନ କରିଥିଲେ ।ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅବକାରୀ ନିରୀକ୍ଷକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବିର ପରିଚାଳନା କରିଥିଲେ । ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ତହସିଲ କାର୍ଯ୍ୟାଳୟ ଯାଇ ସମୀକ୍ଷା କରିଥିଲେ ଓ ଉପ ଜିଲ୍ଲାପାଳ, ଗୁଣପୁରଙ୍କୁ ମଧ ବିଭିନ୍ନ ତହସିଲ ଯାଇ ସମୀକ୍ଷା କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

## ୧୦ ଦେଶର ରାଷ୍ଟ୍ରଦୂତ କିଟ ଓ କିସ ପରିଦର୍ଶନ ସହ ଏସଡିଜି ବୈଠକ




ଭୁବନେଶ୍ୱର,(ପି.ଏନ): ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଦଶ ଜଣ ରାଷ୍ଟ୍ରଦୂତ ଆଜି କିଟ୍ ଏବଂ କିସ୍ ପରିଦର୍ଶନ କରିବା ସହ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡ଼ିଜି) ଗୋଲ ଟେବଲ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ପେରୁ, ଆର୍ଜେଣ୍ଟିନା, ଉରୁଗୁଏ, ପାରାଗୁଏ, ସୁରିନାମ, ଚିଲି, ଜାମାଇକା, ବଲିଭିଆ, ଗୁଆଟେମାଲା ଏବଂ କଲମ୍ବିଆ ଆଦି ଦେଶର ରାଷ୍ଟ୍ରଦୂତମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଏହି ଅବସରରେ ସେମାନେ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରି କହିଲେ ଶ୍ରୀ ସାମନ୍ତଙ୍କ ପ୍ରୟାସ ଯୋଗୁଁ ଆଜି କିଟ ଓ କିସ ବିଶ୍ୱର ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନ ହୋଇପଡ଼ିଛି। ଏହା ବ୍ୟତୀତ ଶ୍ରୀ ସାମନ୍ତ ଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରି କିସକୁ ସମଗ୍ର ବିଶ୍ୱରେ ଜନଜାତିଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ମଡେଲ ଭାବେ ପରିଣତ କରିପାରିଛନ୍ତି ।ଏସଡିଜି ଗୋଲ ଟେବଲ ବୈଠକରେ ବକ୍ତବ୍ୟ ରଖି ଶ୍ରୀ ସାମନ୍ତ କହିଲେ, ଏହି ପ୍ୟାନେଲ ଆଲୋଚନା ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର ବିଷୟ। ଏହା କିଟ୍ ଓ କିସ୍‌ରେ ଏସଡିଜି ଲକ୍ଷ୍ୟ କାର୍ଯ୍ୟକାରୀ ହେବାର ପ୍ରତିଫଳନ ବୋଲି ଶ୍ରୀ ସାମନ୍ତ କହିଥିଲେ। ଦାରିଦ୍ର୍ୟରୁ ନିଜ ଜୀବନ ଯାତ୍ରାକୁ ଅନୁଧ୍ୟାନ କରି ଶ୍ରୀ ସାମନ୍ତ କହିଲେ, ବିକାଶ ନିଶ୍ଚିତ ଭାବରେ ଶେଷ ଗାଁର ଶେଷ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ଦରକାର। କିଟ୍ ଓ କିସ୍‌ରେ ଲାଟିନ ଆମେରିକା ଓ କାରାବିୟାନ ଦେଶ ସମୂହ (ଗ୍ରୁଲାକ) ଓ ଭାରତ ମଧ୍ୟରେ ଉଦଭାବନ ଏବଂ ଜ୍ଞାନର ବିନିମୟ ଉପରେ ଦୃଷ୍ଟିଦେବାକୁ ସେ ରାଷ୍ଟ୍ରଦୂତମାନଙ୍କୁ ଅନୁରୋଧ କରିଥିଲେ ।ଏହି ଅବସରରେ ଗ୍ରୁଲାକର ସଂଯୋଜକ ତଥା ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟୋ ଆଣ୍ଟୋନିଓ ଗୁଆନି ଅମରିଲା ରାଷ୍ଟ୍ରଦୂତ ପତିନିଧିମଣ୍ଡଳ ପକ୍ଷରୁ ବକ୍ତବ୍ୟ ରଖି କହିଲେ, ସହଯୋଗ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। 'ଭାରତରେ ଥିବା ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶର ପ୍ରତିନିଧି ଗୋଷ୍ଠୀର ସଂଯୋଜକ ଭାବରେ ଏହି ରାଉଣ୍ଡଟେବଲର ଏକ ଅଂଶ ହେବା ମୋ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରୁଲାକ ସହଭାଗୀ ଅଭିଜ୍ଞତା ଉପରେ ସହଯୋଗର ଏକ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଇଚ୍ଛୁକ ବୋଲି ସେ କହିଥିଲେ। ଭାରତ ସହିତ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣ, ନବୀକରଣଯୋଗ୍ୟ ଶକ୍ତି ଏବଂ ବୃହତ ସ୍ତରର ବିକାଶ କାର୍ଯ୍ୟକ୍ରମ ଉପରେ ନିର୍ମାଣ କରିପାରିବ, ଜଳବାୟୁ ଅନୁକୂଳତା, ସ୍ୱଦେଶୀ ଜ୍ଞାନ ଏବଂ ସଂପ୍ରଦାୟ ଭିତ୍ତିକ ଉଦଭାବନ କ୍ଷେତ୍ରରେ ଭାରତ ସହ ଆମର ଭାଗୀଦାରି ରହିବ ବୋଲି ସେ କହିଥିଲେ।

## ଭଦ୍ରକରେ ଲୁଣିଆ ଶହୀଦ ଦିବସ ପାଳିତ



ଭଦ୍ରକ,(ପି.ଏନ): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶହୀଦ ସ୍ମୃତି କମିଟି, ଲୁଣିଆ, ଶହୀଦନଗର ମିଳିତ ଆନୁକୁଲ୍ୟରେ ଶହୀଦ ଦିବସ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଦିବସରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀଣୀ ତନୁଜା ସିର୍କା, ସ୍ୱାଧିନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢୀ, ସ୍ନେହାସିଶ ପଣ୍ଡା, ବୈଲୋଚନ ଜେନା ଏବଂ ଅନ୍ୟାନ୍ୟ ନେତୃମଣ୍ଡଳୀମାନେ ଉପସ୍ଥିତ ରହି ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ ସହିତ ତିଳତର୍ପଣ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ଭାରତ ସ୍ୱାଧିନତା ସଂଗ୍ରାମର ଇତିହାସରେ ଲୁଣିଆ ଗୁଳିକାଣ୍ଡର ବିଶେଷ ସ୍ଥାନ ରହିଛି । ୧୯୪୨ ମସିହାର "ଭାରତ ଛାଡ" ଆନ୍‌ଦୋଳନର ପରିପେକ୍ଷୀରେ ଭଦ୍ରକ ଜିଲ୍ଲାରେ ଏହି ମଇଦାନରେ ସ୍ଥାନୀୟ ସ୍ୱାଧିନତା ସଂଗ୍ରାମୀମାନେ ବ୍ରିଟିସ ଶାସନ ବିରୋଧୀ ଉଦ୍ଧ ?କ୍ଷଣ କରିଥିଲେ । ବ୍ରିଟିଶ ପୋଲିସ ର ଗୁଳିକାଣ୍ଡ ଦ୍ୱାରା ଅତି ନିର୍ମମଭାବେ ୯ ଜଣ ସ୍ୱାଧିନତା ସଂଗ୍ରାମୀ ଶହୀଦ ହୋଇଥିଲେ । ୧୯୪୨ ଭାରତ ଛାଡ ଆନ୍‌ଦୋଳନର ଅମର ଶହୀଦ ନିଧି ମହାଳିକ, ଅଗଣୀ ସାହୁ, କୃଷ୍ଣ ମହାଳିକ, ଗୋପିନାଥ ଯେନା, ଗୌରୀ ଯେନା, ଚିନ୍ତାମଣି ଦାସ, ଶଙ୍କର ବେହେରା, ଶ୍ୟାମ ମହାଳିକ ଙ୍କ ସ୍ମୃତିରେ ପ୍ରତ୍ୟେକ ବର୍ଷ ୨୨ ସେପ୍‌ଟେମ୍ବର ରେ ପାଳନ କରାଯାଏ । ଏହାପରେ ମନ୍ତ୍ରୀଙ୍କ ସମ୍ମୁଖରେ ଶହୀଦମାନଙ୍କ ସ୍ମୃତିରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ, ଭଦ୍ରକ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସେଠାରେ ଅନୁଷ୍ଠିତ ହେଉଥିବା ରକ୍ତଦାନ ଶିବିରରେ ପହଞ୍ଚି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସଂଧ୍ୟାରେ ଶହୀଦନଗର ପଡିଆରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା।

## ପୋକୋ ଫେଷ୍ଟିଭାଲ୍ ମ୍ୟାଡନେସ୍ ନେଇଛି: ଅସମର୍ଥ 5G ସ୍ମାର୍ଟଫୋନ୍ ଏହି ଫ୍ଲିପକାର୍ଟ ବିଗ୍ ବିଲିୟନ ଦିନ ବିକ୍ରି ୨୦୨୫

ଭୁବନେଶ୍ୱର(ପି.ଏନ): ଦେଶର ଦ୍ରୁତତମ ବୃଦ୍ଧି ପାଉଥିବା ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ମଧ୍ୟରୁ ପୋକୋ ଇଣ୍ଡିଆ ଆଜି ଫ୍ଲିପକାର୍ଟର ବିଗ୍ ବିଲିୟନ ଡେ ବିକ୍ରୟ ୨୦୨୫ ର ଅଂଶ ଭାବରେ ଏହାର ଲୋକପ୍ରିୟ ସ୍ମାର୍ଟଫୋନ୍ ପାଇଁ ବହୁ ପ୍ରତୀକ୍ଷିତ ଉତ୍ସବର ମୂଲ୍ୟ ଘୋଷଣା କରିଛି। ସେପ୍ଟେମ୍ବର ୨୨ ରେ ଫ୍ଲିପକାର୍ଟ ପ୍ଲସ୍ ଏବଂ ବ୍ଲାକ୍ ସଦସ୍ୟମାନଙ୍କ ପାଇଁ ସ୍ୱତନ୍ତ୍ର ଆକ୍‌ସେସ୍ ସହିତ ବିକ୍ରୟ ଲାଇଭ୍ ହେବ, ଏବଂ ସେପ୍‌ଟେମ୍ବର ୨୩ ରେ ସମସ୍ତ ଗ୍ରାହକଙ୍କ ପାଇଁ ଫୁଲ୍ ସ୍କେଲ୍ ଲଞ୍ଚ ହେବ। POCO M7 5G ହେଉଛି ସେଗମେଣ୍ଟର ଦ୍ରୁତତମ ୫ଏ ସ୍ମାର୍ଟଫୋନ୍, ଯେଉଁଥିରେ ୧୨ ଏଇ ଜଇଗ (Incl 6 GB Uùaðû RAM), ଏକ ଶକ୍ତିଶାଳୀ ସ୍ନାପଡ୍ରାଗନ୍ ୪ ଜେନ ୨ ଚିପସେଟ୍, ୫୦ଗଚ ସୋନି କ୍ୟାମେରା ଏବଂ ଏକ ଇମର୍ସିଭ୍ ମନୋରଞ୍ଜନ ଅଭିଜ୍ଞତା ପାଇଁ ଏକ ବଡ଼ ୬.୮୮ 'HD + ଡିସପ୍ଲେ ଅଛି । ୧୪୪Hz ସତେଜ ହାର ସହିତ FHD + ପ୍ରଦର୍ଶନ, ବର୍ତ୍ତମାନ ଏକ ନୂତନ 4GB RAM ଭାରିଆଣ୍ଟରେ ଲଞ୍ଚ ହେଉଛି ।POCO X7 Pro 5G ସେଗମେଣ୍ଟର ସବୁଠାରୁ ଶକ୍ତିଶାଳୀ ଫୋନ୍ ଘଣ୍ଟା ୧.୭ ମିଲିୟନ୍ + ଆଣ୍ଟୁଟୁ ସ୍କୋର ଯାହାକି ମିଡିଆଟେକ୍ ଡାଇମେନସିଟି ୮୪୦୦ ଅଲ୍ଟ୍ରା ଚିପସେଟ ଏବଂ ୬୫୫୦ଙ୍କଇଷ ସିଲିକନ୍ କାର୍ବନ ବ୍ୟାଟେରୀ ସହିତ ପାୱାର ବ୍ୟବହାରକାରୀଙ୍କ ପାଇଁ ୯୦ଡ ଫାଷ୍ଟ ଚାର୍ଜର ସହିତ ଆସିଥାଏ ।POCO F7 5G କାର୍ଯ୍ୟଦକ୍ଷତା ଅନ୍ୱେଷଣକାରୀଙ୍କ ପାଇଁ ଇଞ୍ଜିନିୟରିଂ, POCO F7 5G ଭାରତର ସର୍ବ ବୃହତ 7550mAh ସିଲିକନ୍-କାର୍ବନ ବ୍ୟାଟେରୀ ଏବଂ ଅତ୍ୟାଧୁନିକ ସ୍ନାପଡ୍ରାଗନ୍ 8s ଜେନ ୪ ସଞ୍ଚାଳକ ସହିତ ଫ୍ଲାଗସିପ୍ ସ୍ତରୀୟ ଶକ୍ତି ପ୍ରଦାନ କରିଥାଏ । ୨.୧ ନିୟୁତରୁ ଅଧିକ ଏକ ଚିତ୍ତାକର୍ଷକ AnTuTଙ୍କ ସ୍କୋର ସହିତ, ଏହା ବିନା ସ୍ମାର୍ଟ ମଲ୍ଟିଟାସ୍କିଂ, ଫାଷ୍ଟ ଆପ୍ ଲଞ୍ଚ, ଏବଂ କାର୍ଯ୍ୟ, ମନୋରଞ୍ଜନ ଏବଂ ଅଲ୍ଟ୍ରା-ସଫ୍ଟ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ଯାହାକି ସେମାନଙ୍କ ସ୍ମାର୍ଟଫୋନରୁ ଅଧିକ ଆବଶ୍ୟକ କରୁଥିବା ଉପଭୋକ୍ତାମାନଙ୍କ ପାଇଁ ଏକ ଆଦର୍ଶ ପସନ୍ଦ ଅଟେ । ଅପୂର୍ବ କାର୍ଯ୍ୟଦକ୍ଷତା, ଅତ୍ୟାଧୁନିକ ନବସୃଜନ, ଏବଂ ଉତ୍ସବର ପ୍ରଥମ ମୂଲ୍ୟ ସହିତ, POCO ନିଶ୍ଚିତ କରୁଛି ଯେ ଭାରତର ଯୁବ, ଏହି ବିଲିୟନ ବିଲିୟନ ଦିନ ପାଳନ କରିବାର ଅଧିକ କାରଣ ଅଛି ।

## ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀ ମୃତ୍ୟୁ ଶବ ରଖି ରାସ୍ତାରୋକ କଲେ ପରିବାର ଲୋକେ



ଗୋଲାମୁଣ୍ଡା (ପି ଏନ):-କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ନିକଟରେ ଅଜଣା ଟ୍ରକ ଚାପାରେ ବାଇକ ଆରୋହୀର ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ଗୋଲାମୁଣ୍ଡା ଗ୍ରାମର ମାଧବ ମାଝୀ (୪୦) ବୋଲି ଜଣା ପଡିଛି । ସୂଚନା ଥାଉ କି ମାଧବ ମାଝୀ ଗୋଲାମୁଣ୍ଡା ଥାନାକୁ କୌଣସି କାମରେ ଯାଇଥିଲେ। କାମ ସାରି ଥାନାରୁ ନିଜ ବାଇକ ଓଡି ୨୬ ୪୦୭୧ ଯୋଗେ ଘରକୁ ଫେରୁଥିବା ବେଳେ ବିଜୁ ଏକ୍ସପ୍ରେସୱେ ରେ ଧର୍ମଗଡ ପଟୁ ଆସୁଥିବା ଗୋଟିଏ ଅଜଣା ଟ୍ରକ୍ ବାଇକ ଉପରେ ମାଡ଼ି ଯାଇଥିଲା। ଘଟଣା ସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ଅଗ୍ନିଶମ ବାହିନୀ ଗାଡି ଯୋଗେ ଗୋଲାମୁଣ୍ଡା ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଧର୍ମଗଡ ଡାକ୍ତରଖାନାରେ ଡାକ୍ତର ବାଇକ ଚାଳକ ମାଧବ ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ଗୋଲାମୁଣ୍ଡା ପୋଲିସ ଶବଟିକୁ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଆଜି ପରିବାର ଲୋକେ କ୍ଷୟକ୍ଷତି ପାଇଁ ବିଜୁ ଏକ୍ସପ୍ରେସ ରାସ୍ତା ମଝିରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଯାହାଫଳରେ ଧର୍ମଗଡ଼ ରୁ ସିନାପାଲି ରାସ୍ତା ଯାନବାହାନ ଚଳାଚଳ ବନ୍ଦ ଥିଲା। କିଛି ସମୟ ପାଇଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଖବର ପାଇ ଗୋଲାମୁଣ୍ଡା ପୁଲିସ ପହଞ୍ଚି ବୁଝାସୁଝା କରିଥିବା ବେଳେ ତହସିଲଦାର ଚନ୍ଦନ କୁମାର ନାଏକ ମଧ ପହଞ୍ଚିଥିଲେ । ଶ୍ରୀ ନାଏକ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେବା ପରେ ବିଡ଼ିଓ ତ୍ରିପୁରା ମହାନନ୍ଦ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଫୋନ ଯୋଗେ ପ୍ରତିଶୃତି ଦେଇଥିଲେ ପରେ ଆନ୍‌ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ । ଏ ପଟେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ମୃତକ ପରିବାର ବର୍ଗଙ୍କୁ ଦୁଇ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡିଛି । ଟ୍ରକ ଗାଡିଟି ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ବେଳେ ଆସନ୍ତାକାଲି ସୁଦ୍ଧା ଥାନାକୁ ଆସିଯିବ ବୋଲି ଏସ ଆଇ ରାଜେଶ ପରିଡା ଆନ୍‌ଦୋଳନ କାରୀଙ୍କୁ ସମ୍ମୁଖରେ ପ୍ରକାଶ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray